**ପ୍ରେସ ବିଜ୍ଞପ୍ତି**

# ବି.ଏସ.ଏନ.ଏଲ. ଲାଣ୍ଡ ଫୋନରୁ ଅସୀମିତ ରାତ୍ରି କାଳୀନ ଦେୟମୁକ୍ତ କଲ ଯୋଜନା

ରାଷ୍ଟ୍ରାୟତ କମ୍ପାନୀ ବି.ଏସ.ଏନ.ଏଲ. **ଚଳିତ ମେ' ମାସ ପହିଲାରୁ** ଲାଣ୍ଡ ଫୋନ ଗ୍ରାହକ ମାନଂକ ପାଇଁ 'ରାତ୍ରୀ କାଳୀନ ଅସୀମିତ ଦେୟମୁକ୍ତ ସେବା' ନାମରେ ଏକ ନୂଆ ଯୋଜନାର ଶୁଭାରମ୍ଭ କରୁଛି । ଏହି ଯୋଜନାରେ ବି.ଏସ.ଏନ.ଏଲ.ର ସମସ୍ତ ଲାଣ୍ଡ ଲାଇନ ଗ୍ରାହକ ମାନେ **ରାତି ୯ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଭାରତର ଯେ କୌଣସି ଅଂଚଳର ଯେ କୌଣସି ଫୋନକୁ ଅସୀମିତ ଦେୟ ମୁକ୍ତ କଲ କରି ପାରିବେ ।**

ବି.ଏସ.ଏନ.ଏଲ.ର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲାଣ୍ଡଲାଇନ ଗ୍ରାହକ ଏବଂ ସମସ୍ତ ଯୁଗ୍ମ(ଲାଣ୍ଡ ଲାଇନ ଓ ବ୍ରଡବାଣ୍ଡ 'କମ୍ବୋ') ଗ୍ରାହକମାନେ ଏହି ଯୋଜନାରେ ସାମିଲ ହୋଇ ପାରିବେ । ଏହାର ବିଶେଷ ବିବରଣୀ ବି.ଏସ.ଏନ.ଏଲ.ର ୱେବ ସାଇଟ୍ **www.odisha.bsnl.co.in** ରେ ଉପଲବ୍ଧ ।

ବି.ଏସ.ଏନ.ଏଲ. ଲାଣ୍ଡଲାଇନ ଫୋନର ବିଶେଷତ୍ୱ ହେଉଛି ସ୍ୱରର ସ୍ୱଚ୍ଛତା ଓ ନିଷ୍କପଟ ବିଲିଂ । ଏହି ଐତିହାସିକ ଯୋଜନା ଦ୍ୱାରା ବି.ଏସ.ଏନ.ଏଲ. ତା'ର ଲାଣ୍ଡଲାଇନ ସେବା ପ୍ରତି ଗ୍ରାହକମାନଂକୁ ଆକର୍ଷିତ କରବା ପାଇଁ ଲକ୍ଷ ରଖିଛି । ଏହା ଦ୍ୱାରା **ବି.ଏସ.ଏନ.ଏଲ.ର ସମସ୍ତ ଲାଣ୍ଡଲାଇନ ଗ୍ରାହକମାନେ ରାତି ୯ଟାରୁ ସକାଳ ୭ଟା ଯାଏଁ ଭାରତର ଯେକୌଣସି କମ୍ପାନୀର ଉଭୟ ଲାଣ୍ଡ ଓ ମୋବାଇଲ ନମ୍ବର ସହ ବିନା ଦେୟରେ କଥାବାର୍ତ୍ତା କରି ପାରିବେ ।**

ଓଡିଶା ଟେଲିକମ ସର୍କଲରେ ଲାଣ୍ଡଲାଇନ ଓ ବ୍ରଡ ବାଣ୍ଡ ସଂଯୋଗ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ଉପଲବ୍ଧ ଅଛି । ଇଚ୍ଛୁକ ନୂତନ ଗ୍ରାହକମାନେ ବି.ଏସ.ଏନ.ଏଲ.ର ନିକଟସ୍ଥ ସେବା କେନ୍ଦ୍ର କିମ୍ବା ଏସ.ଡି.ଓ. ଅଫିସ ସହ ଯୋଗାଯୋଗ କରି ଆବେଦନ କରିପାରିବେ । ଗ୍ରାହକମାନେ ବି.ଏସ.ଏନ.ଏଲ.ର ଦେୟମୁକ୍ତ ନମ୍ବର ୧୮୦୦-୩୪୫-୧୫୦୦ ରେ କଲ କରି ମଧ୍ୟ ନୂତନ ସଂଯୋଗ ନିମନ୍ତେ ପଞ୍ଜିକରଣ କରିପାରିବେ । ଏତଦ୍ ବ୍ୟତୀତ ନୂଆ ଲାଣ୍ଡଲାଇନ କନେକସନ ନେବା ପାଇଁ ଗ୍ରାହକମାନେ ନିଜ ମୋବାଇଲରେ 'ନିଜ ଜିଲ୍ଲାର ନାମ' ଲେଖି ୫୪୧୪୧ କୁ (ବି.ଏସ.ଏନ.ଏଲ. ବ୍ୟତୀତ ଅନ୍ୟ କମ୍ପାନୀର ମୋବାଇଲରୁ ୯୪୦୦୦୫୪୧୪୧କୁ) ମେସେଜ କଲେ ବି.ଏସ.ଏନ.ଏଲ. ତରଫରୁ ଯଥାଶୀଘ୍ର ଲାଣ୍ଡଲାଇନ ସଂଯୋଗ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

**ସ୍ୱରର ସ୍ୱଚ୍ଛତା, ବ୍ରଡବାଣ୍ଡର ସ୍ପିଡ ଓ ବିଲିଂରେ ପାରଦର୍ଶିତା ବି.ଏସ.ଏନ.ଏଲ.ର ବିଶେଷତ୍ୱ ।**

**ସାରା ଭାରତରେ ଲାଣ୍ଡଲାଇନ ସେବା ପ୍ରଦାନରେ ବି.ଏସ.ଏନ.ଏଲ. ସମସ୍ତଂକ ଠାରୁ ଆଗୁଆ ।**